

# ପଇସା ବଦଳିଗଲା



କୃଷ୍ଣା ସୋବ୍‌ତୀ

ଖଦଡ଼ ଚାଦର ଖଣ୍ଡିଏ ଘୋଡ଼ିହୋଇ, ହାତରେ ମାଳାଟିଏ ଧରି ଶାହନୀ ଯେତେବେଳେ ନଈକୂଳରେ ପହଞ୍ଚିଲା ସେତେବେଳେ ତା' ପାଦ ଫାଟିପଡୁଥାଏ। ଦୂରଦୂରାନ୍ତ ଯାଏ ଆକାଶର ପରଦା ଉପରେ ଲାଲିମା ବିଛେଇ ହୋଇଯାଇଥିଲା। ଶାହନୀ ନିଜ ପୋଷାକ ଓହ୍ଲାଇ ନଦୀକୂଳରେ ରଖିଲା ଓ ଶ୍ରୀ...ରାମ, 'ଶ୍ରୀ...ରାମ' ଜପ କରି ପାଣି ଭିତରକୁ ପଶିଲା। ପାଣି ଆଞ୍ଜୁଳା ଟେକି ସୂର୍ଯ୍ୟକୁ ପ୍ରଣାମ କଲା ଓ ନିଜର ଉନିଦ୍ର ଆଖି ଦିଓଟିରେ ପାଣି ଛାଟିଲା ଓ ପାଣି ଭିତରେ ବୁଡ଼ିଲା!

ଆଜି ଚେନାବ ନଦୀର ପାଣି ପୂର୍ବାପେକ୍ଷା ଥିଲା ଅଧିକ ଶୀତଳ। ପାଣି ଉପରେ ଅସ୍ଥିର ତରଙ୍ଗର ନୃତ୍ୟ ଚାଲିଥାଏ। ସାମ୍ନାରେ ଦିଶୁଥିବା ବହୁ ଦୂରରୁ କଶ୍ମୀର ଘାଟିର ପାହାଡ଼ରୁ ତରଳି ଆସୁଥିଲା ବରଫ। ଛଳଛଳ ହୋଇ ବୋହି ଯାଉଥିବା ପାଣିର ଜଳ ଭଉଁରି ସହିତ ଧକ୍କା ଖାଇ ଅତଡ଼ା ଖସି ପଡୁଥିଲା, କିନ୍ତୁ ବହୁ ଦୂରପର୍ଯ୍ୟନ୍ତ ବ୍ୟାପ୍ତ ବାଲୁକା ରାଶି କାହିଁକି କେମିତି ଲାଗୁଥିଲା ନିରବ ନିସ୍ତବ୍ଧ! ଶାହନୀ ତା' ପୋଷାକ ପିନ୍ଧିଲା, ଏପଟ ସେପଟ ହୋଇଚାହିଁଲା ଚାରିଆଡ଼କୁ, ହେଲେ କେଉଁଠି ବି କାହାରି ଛାୟାଟିକେ ବି ଦେଖାଯାଉ ନଥାଏ। ମାତ୍ର ତଳେ ବାଲିରେ ପଡିରହିଥାଏ ଅଗଣିତ ପଦଚିହ୍ନ। ଏକଥା ଭାବି ସେ କିଛିଟା ସଙ୍କୋଚରେ ପଡିଗଲା!

ଆଜି ଏହି ପ୍ରଭାତର ମଧୁର ନିରବତାରେ କାହିଁକି କେଜାଣି ତା' ମନ